# Akashvani, Sambalpur

## SAMBALPURI NEWS EVENING BULLETIN
## 6 March 2025- 7.02 pm- 7.12 pm.

**********************************************

୧- ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍‌ଥି ୨ ଲାଖ୍ ୩୦ ହଜାର୍‌ନୁ ଅଏତ୍‌କା ନୂଆଁ ହିତାଧିକାରୀଙ୍କୁ ସାହାଜ୍ ଟଙ୍କା ବାଂଟ୍‌ଲେ ରାଜ୍ୟ ସର୍‌କାର୍ ।

୨- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍ ଠାନୁ ହେବା ମୁଲ୍ ।

୩- ଆଏଜ୍ ସର୍‌ଲା ମେଟ୍ରିକ୍ ପରୀକ୍ଷା- ଆଏବା ୧୯ ତାରିଖ୍ ନୁ ହେବା ଖାତାଦେଖା ।

୪- ରାଏଜେ ଶିଶୁ ବାଟିକା ଖୁଲ୍‌ବାର୍ ଦିଗେ ପଦକ୍ଷେପ୍ ନେଲେ ରାଜ୍ୟ ସର୍‌କାର୍ ।

ଆଉର୍

୫- ଡେବ୍ରିଗଡ୍, ଭୀମମଣ୍ଡଳୀ ଆର୍ ହୀରାକୁଦ୍‌କେ ପର୍ଯ୍ୟଟନ ସର୍କିଟ୍ ଘୋଷ୍‌ନା କର୍‌ବାର୍‌କେ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀଙ୍କୁ ଚିଠି ଲେଖ୍‌ଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏଜ୍ ହିତାଧିକାରୀମାନ୍‌କୁ ବଂଟାଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ଖେପେ ୨ ଲାଖ୍ ୩୦ ହଜାର୍‌ନୁ ଅଏତ୍‌କା ନୂଆଁ ହିତାଧିକାରୀଙ୍କୁ ପାଖାପାଖି ଶହେ ୧୫ କୋଟି ଟଙ୍କା ଆର୍ଥିକ୍ ସାହାଜ୍ ଦେଇଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ସୁଭଦ୍ରା ଯୋଜ୍‌ନାକେ ସଫଲ୍‌ତାର୍ ସହେତେ ଶେଷ୍ କରିଥିବାର୍‌ନୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଏଜ୍ ଅଙ୍ଗନବାଡ଼ି କର୍ମୀ ଆର୍ ସହାୟିକା ମାନ୍‌କର୍ ପ୍ରଶଂସା କରିଛନ୍ । ଇତାର୍ ସହେତେ ଅଙ୍ଗନବାଡ଼ି କର୍ମୀମାନ୍‌କୁ ୧୫ ଶହ ଆର୍ ସହାୟିକା ମାନ୍‌କୁ ୫ ଶହ ଟଙ୍କା ସାହାଜ୍ ଘୋଷ୍‌ନା କରିଛନ୍ ।

ସେନ୍ତା ଆଏବା ଶନିବାର୍ ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ସବୁ ହିତାଧିକାରୀଙ୍କୁ ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବ୍ରହ୍ମପୁର୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ସାହାଜ୍ ଟଙ୍କା ବାଂଟ୍‌ବେ ।

ମୋଟର୍ କାର୍ ଶୋଭାଯାତ୍ରା I&PR

ଭାରତୀୟ ନୌସେନାର ମୋଟର୍ କାର୍ ଶୋଭାଯାତ୍ରା ଆଏଜ୍ ଭୁବ୍‌ନେଶ୍ୱର୍  ପୁହୁଁଚିଛେ । ମାର୍ଚ୍ଚ ୩ ତାରିଖ୍ କୋଲ୍‌କାତା ଆଇଏନ୍‌ଏସ୍ ନେତାଜୀ ସୁଭାଷ ନୌସେନା ଘାଟୀ ନୁ ବାହାରିଥିବା ଇ କାର୍ ରେଲିକେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି ଆଏଜ୍ ରାଜ୍‌ଭବନ୍ ଠାନେ ସ୍ୱାଗତ୍ କରିଛନ୍ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ        ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍ ଠାନୁ ମୁଲ୍ ହେବା । ଇ ଖେପ୍ ଏପ୍ରିଲ୍ ୫ ତାରିଖ୍‌ତକ୍ ଚାଲ୍‌ବା । ଆଘୋନୁ ଧାରିଜ୍ କାର୍ଯ୍ୟସୂଚୀ ଅନ୍‌ସାରେ ଆଏବା କାଏଲ୍ ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହ ନ ଉପସ୍ଥାପିତ୍ ହେବା । ସେନ୍ତା ଆଏବା ୧୦ ତାରିଖ୍‌ନୁ ୨୦୨୫-୨୬ ବଜେଟ୍‌ଥି ଭିନ୍ ଭିନ୍ ବିଭାଗ୍ ଲାଗି ଧାରିଜ୍ ଅନୁଦାନ୍ ଉପ୍‌ରେ ଆଲୋଚନା ମୁଲ୍ ହେଇକରି ୨୮ ତାରିଖ୍‌ତକ୍ ଚାଲ୍‌ବା । ୨୯ ତାରିଖ୍ ଗୃହ ନ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ ହେବା । ଇନ ଜନେଇ ଦିଆଯାଇପାରେ, ବଜେଟ୍ ଅଧିବେଶନ୍‌ର ପହେଲା ଖେପେ

ଗଲା ମାସର୍ ୧୭ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୯୦ ହଜାର୍ କୋଟି ଟଙ୍କାର୍ ବଜେଟ୍ ଆଗତ୍ କରିଛନ୍ ।

ମେଟ୍ରିକ୍ ରିଜଲ୍ଟ      ଆର୍ଏନ୍ୟୁ/ ସମ୍ବଲପୁର

ଇ ବଛର୍ ମେଟ୍ରିକ୍ ପରୀକ୍ଷା ଆଏଜ୍ ସୁରୁଖୁରୁଥି ଶେଷ୍ ହେଇଛେ ଆଉ ଫଲାଫଲ୍ ମେ ମାସର୍ ପହେଲା ହପ୍ତାଥି ବାହାରିବା ବଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀ ତରାଇ କହିଛନ୍, ଆଏବା ୧୯ ତାରିଖ୍‌ନୁ ଖାତାଦେଖା ମୁଲ୍ ହେବା । ପହେଲାଥର ବୋର୍ଡ୍ ତର୍ଫୁ ପ୍ରଶ୍ନପତ୍ର ପ୍ରଘଟ ରୁକ୍‌ବାର୍ ଲାଗି କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଥିଲା । ସେଥିର୍‌ଲାଗି ପ୍ରଶ୍ନପତ୍ର ପ୍ରଘଟ୍ ନାଇହେଇ ବଲି ଶ୍ରୀ ତରାଇ କହିଛନ୍ ।

ଶିଶୁ ବାଟିକା-ନିର୍ଦ୍ଦେଶ୍‌ନାମା      ଆଇ ଆଣ୍ଡ ପିଆର୍

ରାଏଜେ ପ୍ରାକ୍ ବିଦ୍ୟାଳୟ ପାଠ୍‌ପଢ଼ା ଲାଗି ଶିଶୁ ବାଟିକା ଖୁଲ୍‌ବାର୍ ଦିଗେ ପ୍ରସ୍ତୁତି ମୁଲ୍ କର୍‌ବାର୍‌କେ ନେଇକରି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ ତର୍ଫୁ ସବୁ ଜିଲ୍ଲାପାଳମାନଙ୍କୁ

ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଶିଶୁ ବାଟିକା ଭିତିଭୂମି ବ୍ୟବସ୍ଥା କର୍‌ବାର୍ ସହେତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ୍ କର୍‌ବାର୍‌କେ ଚିଠିଥି କୁହାଯାଇଛେ । ଇତାର୍ ସହେତେ ଶିଶୁ ବାଟିକାନୁ ଛୁଆମାନଙ୍କର ନାଁ ଲେଖା ସହେତେ ପ୍ରବେଶ୍ ଉତ୍ସବ ଆଉ ଖଡ଼ିଛୁଆଁ ଉତ୍ସବ୍ ପାଲନ୍ ଲାଗି ପଦକ୍ଷେପ୍ ନେବାର୍‌କେ ଭିଲ୍ ଜିଲ୍ଲାପାଳମାନଙ୍କୁ ଚିଠି ଜରିଏ ନିର୍ଦ୍ଦେଶ ଦିଆଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୨୫-୨୬ ଶିକ୍ଷା ବଛର୍‌ନୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନ୍‌ସାରେ ରାଏଜେ ଶିଶୁ ବାଟିକା ମାନେ ଖୁଲାଯିବା । ଇଥି ୫ରୁ ୬ ଛରର୍ ଛୁଆମାନଙ୍କୁ ପ୍ରାକ୍ ବିଦ୍ୟାଳୟ ପାଠ୍ ପଢ଼ାଯିବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ପର୍ଯ୍ୟଟନ୍ ପିଆଇବି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଓଡ଼ିଶାର୍ ପର୍ଯ୍ୟଟନ କ୍ଷେତ୍ରକେ ତହଁକାବାର୍ ସହେତେ ଡେବ୍ରିଗଡ୍, ଭୀମମଣ୍ଡଳୀ, ହୀରାକୁଦ୍‌କେ ପର୍ଯ୍ୟଟନ ସର୍କିଟ୍ ଭାବେ ଘୋଷ୍‌ନା କର୍‌ବାର୍ ଲାଗି କେନ୍ଦ୍ର ପର୍ଯ୍ୟଟନ୍ ଆଉ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତଙ୍କୁ ଅନୁରୋଧ୍ କରିଛନ୍ । ଡେବ୍ରିଗଡ୍ ବନ୍ୟପ୍ରାଣୀ ଅଭୟାରଣ୍ୟ ଠାନେ ପର୍ଯ୍ୟଟନ୍‌ର ବହୁତ୍ ସମ୍ଭାବନା ଥିବାର୍‌ନୁ ଇତାର୍ ଭିଲ୍ ଆହୁରି ବିକାଶ୍ କର୍‌ବାର୍ ସହେତେ ପର୍ଯ୍ୟଟନ୍ ମନ୍ତ୍ରଣାଳୟର୍ ସ୍ୱଦେଶ୍ ଦର୍ଶନ୍ ଯୋଜ୍‌ନାଥି

ସାମିଲ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଜୋର୍ ଦେଇଛନ୍ । ସେନ୍ତା ଭୀମମଣ୍ଡଲୀ ନ ହଜାର୍ ହଜାର୍ ବଛର୍ ଆଘର୍ ଶିଳାଚିତ୍ର ଆର୍ ଶିଳାଲେଖା ରହିଛେ । ଇତାର୍ ସୁରକ୍ଷା ଆର୍ ସଂରକ୍ଷଣ୍ କର୍‌ବାର୍ ଲାଗି ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ସଂସ୍ଥା ଏଏସ୍‌ଆଇକେ ଦାୟିତ୍ୱ ଦେବାର୍ ଲାଗି ଶ୍ରୀ ପ୍ରଧାନ୍ ଚିଠିଥି ଅନୁରୋଧ୍ କରିଛନ୍ ।

ସୁଭଦ୍ରା ଯୋଜ୍‌ନା-ପଥପ୍ରାନ୍ତ ସଚେତନତା ସଭା ସମ୍ବଲ୍‌ପୁର୍

ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ୍ ଯୋଜ୍‌ନା କାର୍ଯ୍ୟାଳୟ ତର୍‌ଫୁଁ ସହରର୍ ବଡ଼ବଜାର୍ ରାଧାମାଧବ୍ ମଣ୍ଡପ୍ ଠାନେ ସୁଭଦ୍ରା ଯୋଜ୍‌ନାକେ ନେଇକରି ଗୁଟେ ପଥପ୍ରାନ୍ତ ସଚେତନତା ସଭା ହେଇଯାଇଛେ । ଇଥି ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ ମଙ୍ଗଲ୍ ଅଧିକାରୀ ରେଣୁବାଲା ନନ୍ଦଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀ ଆର୍ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ୍ ରହିକରି ସୁଭଦ୍ରା ଯୋଜ୍‌ନାର୍ ଲାଭ୍ ବାବ୍‌ଦେ ଲୁକ୍‌କୁ ବୁଝେଇଥିଲେ । ଇତାର୍‌ସହେତେ ବାଦ୍ ପଡ଼ିଥିବା ହିତାଧିକାରୀମାନେ କେନ୍ତାକରି ଯୋଜ୍‌ନାଥି ସାମିଲ୍ ହେଇପାର୍‌ବେ ସେ ବାବ୍‌ଦେ କହିଥିଲେ । ମହିଳାମାନ୍‌କର୍ ଯତନ୍ ବାବ୍‌ଦେ ଭିଲ୍ ଅତିଥିମାନେ ଇ ଅବ୍‌ସରେ ବୁଝେଇଥିଲେ ।

ଉଜ୍ଜ୍ୱଲା ଯୋଜ୍ନା          ବର୍ଗଡ଼୍ ସମ୍ବାଦଦାତା

ଭାରତ୍ ସର୍କାର୍ଙ୍କର୍ ମହତ୍ୱାକାଂକ୍ଷୀ ପ୍ରଧାନ୍ମନ୍ତ୍ରୀ ଉଜ୍ଜ୍ୱଲା ଯୋଜ୍ନାକେ ବର୍ଗଡ଼୍ ଜିଲ୍ଲା ନ ସଫଲ୍ କରି ଦେଖେଇଛନ୍ ଜିଲ୍ଲାର୍ ଚକର୍କେନ୍ଦ୍ ନିବାସୀ ନଳିନୀ ବାଗ୍ । ନିଜର୍ ଇଲାକା ନ ଉଜ୍ଜ୍ୱଲା ଦିଦି ଭାବେ ଜନାଶୁନା ନଳିନୀ ରନ୍ଧା ଗେସ୍ର ବେଭାର୍ ବାବ୍ଦେ ଗଲା ୮ ବଛର୍ନୁ ଅଏତ୍କା ହେଲା ଭିନ୍ ଭିନ୍ ଇଲାକାକେ ଯାଇକରି ଗୃହିଣୀ ମାନ୍କୁ ବୁଝେଇ ଆସୁଛନ୍ । ବର୍ଗଡ଼୍, ସୋହେଲା ଆର୍ ଭଟ୍ଲି ବ୍ଲକ୍ର ୬୦ ଟା ଗାଁ ନ ଉଜ୍ଜ୍ୱଲା ସଂଯୋଗ୍ କରାବାର୍ଥି ନଳିନୀ ସକ୍ଷମ୍ ହେଇଛନ୍ । ରନ୍ଧା ଗେସ୍ ଆର୍ ନିଳନୀକେ ବିରୋଧ୍ କରୁଥିବା ଲୁକେ ଆଏଜ୍ ତାଙ୍କର୍ ପାଖ୍କେ ଆସିକରି ସାହାଜ୍ ନଉଛନ୍ । ଇ ବାବ୍ଦେ ନଳିନୀ କହିଛନ୍....

(ଭଏସ୍ ଓଭର୍- ନଳିନୀ ବାଗ୍)

ସୁଭଦ୍ରା ସଚେତନତା ପଥପ୍ରାନ୍ତ       ହି.ସ.

ସବୁର୍ଣ୍ଣପୁର୍ ଜିଲ୍ଲା  ସୋନ୍ପୁର୍ ବ୍ଲକ୍ ସମନ୍ୱିତ ଶିଶୁବିକାଶ୍ ପ୍ରକଳ୍ପ ତର୍ଫୁ ପଟାଭାଡ଼ି, ଲଛିପୁର୍ ଆର୍ ହରଡ଼୍ଖୋଲ୍ ପଂଚାୟତ୍

ନ ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ମହିଲା ସପ୍ତାହ ଆର୍ ସୁଭଦ୍ରା ଯୋଜ୍‌ନା ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସିଡ଼ିପିଓ ସାଗରିକା ସ୍ୱାଇଁଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀ, ଜନପ୍ରତିନିଧି, ଅଙ୍ଗନବାଡ଼ି କର୍ମୀମାନେ ଯୋଗ୍ ଦେଇକରି ସୁଭଦ୍ରା ଯୋଜ୍‌ନା ଆର୍ ମହିଲା ସଶକ୍ତିକରଣ୍ ଉପ୍‌ରେ ସଚେତନ୍ କରିଥିଲେ ।

ଗ୍ରାମୋଦୟ ଯୋଜ୍‌ନା-ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ଗ୍ରାମୋଦୟ ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସର୍‌କାର୍‌ଙ୍କର୍ ଗ୍ରାମୋଦୟ ଯୋଜ୍‌ନାର୍ ସର୍ଭେ ରିପୋର୍ଟ ଉପ୍‌ରେ ଆଲୋଚନା କରାଯାଇଥିଲା । କଂଟାମାଲ୍ ବ୍ଲକ୍ ବର୍‌ଗାଁ ପଂଚାୟତ୍‌ର ୧୧ ଟା ଗାଁକେ ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ କର୍‌ବାର୍ ଲାଗି ମିଶନ୍ ମୋଡ଼୍‌ଥି କାମ୍ କର୍‌ବାର୍‌କେ ସବୁ ବିଭାଗ୍‌ର ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ଇ ବୈଠକ୍‌ଥି ନିର୍ଦ୍ଦେଶ୍ ଦେଇଥିଲେ । ଇ ଗାଁ ମାନ୍‌କର୍ ଲାଗି ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ୍ କରିକରି ସର୍‌କାର୍‌ଙ୍କୁ ରିପୋର୍ଟ ଆର୍ ବଜେଟ୍ ଦେଲେ ସର୍‌କାର୍ ଅର୍ଥ ମଞ୍ଜୁର୍ କର୍‌ବେ ବଲି ଜିଲ୍ଲାପରିଷଦ୍

ମୁଖ୍ୟ ଉନ୍ନୟନ୍ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା କହିଛନ୍ ।

ଭତା ବଂଟନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ପେନ୍ସନ୍ ଆର୍ ପଟ୍ଟା ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ସର୍କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍ ଆଉ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଅତିଥି ଭାବେ ଯୋଗ୍ ଦେଇକରି ମଧୁବାବୁ ପେନ୍ସନ୍ ଯୋଜ୍ନାର୍ ଭତା ଆର୍ ବସୁନ୍ଧରା ଯୋଜ୍ନାଥି ଘର୍ଡିହି ପଟ୍ଟା ବାଂଟିଥିଲେ । ଇ ଅବ୍ସରେ ଜିଲ୍ଲା ଆର୍ ବ୍ଲକ୍ସ୍ତରର୍ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଚାଷୀ- ତାଲିମ୍ ଶିବିର ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କେନ୍ଦ୍ରୀୟ ପଣ୍ୟାଗାର୍ ନିଗମ୍ ଆଉ କୃଷି ବିଭାଗ୍ ତର୍ଫୁ ଚାଷୀମାନ୍କର୍ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଚାଷ୍ କର୍ବାର୍ ଆଘୋନୁ ମାଟିର୍ ପରୀକ୍ଷା, ଜୈବିକ୍ ଚାଷ୍ ଆର୍ ସାର ଉଷୋର୍ କମ୍ ବେଭାର୍ ବାବ୍ଦେ ଚାଷୀମାନ୍କୁ ତାଲିମ୍ ଦିଆଯାଇଥିଲା ।

ଦେଶ୍‌କେ ବିକଶିତ୍ କର୍‌ବାର୍ ଲାଗି ଉନ୍ନତ୍ ପଦ୍ଧତିର୍ ଚାଷ୍‌ବାସ୍ କର୍‌ବାର୍ ଜରୁରୀ ହେଇପଡ଼ିଛେ ବଲି ଇ ଅବ୍‌ସରେ କୃଷି ବୈଜ୍ଞାନିକ୍‌ମାନେ ଜୋର୍ ଦେଇଥିଲେ ।

ବଲାଙ୍ଗିର୍ ବହିହାଟ୍ -୨୦୨୫        ହି.ସ.

ବଲାଙ୍ଗିର୍ ଠାନେ ଜିଲ୍ଲା ଲେଖକ୍ ପରିଷଦ୍ ତର୍‌ଫୁ ବଲାଙ୍ଗିର୍ ବହିହାଟ୍ -୨୦୨୫  ଉଦ୍‌ଯାପିତ୍ ହେଇଯାଇଛେ । ପରିଷଦ୍‌ର ସଭାପତି ମଳୟ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଶିଷ୍ଟ ନାଟ୍ୟଗୁରୁ ସ୍ୱର୍ଗତ କୃତିବାସ ମେହେର୍‌ଙ୍କୁ ମରଣୋତର ସମ୍ମାନ୍, ମିତାଲି ମଧୁମିତା ମିଶ୍ରଙ୍କୁ ବିଶେଷ ସମ୍ମାନ୍ ଆର୍ ଲେଖିକା ମଞ୍ଜୁବାଳା ପଣ୍ଡାଙ୍କୁ ଇ ବଛ୍‌ରର୍ ବହିହାଟ ସମ୍ମାନ୍ ଦିଆଯାଇଛେ ।

ଲକ୍ଷପତି ଦିଦି କର୍ମଶାଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଲକ୍ଷପତି ଦିଦି କର୍ମଶାଳା ଆୟୋଜନ୍ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ୍ ନ ଆଏବା ୧୧ ତାରିଖ୍ ଦିନ ୪ ହଜାର୍

ମହିଲାଙ୍କୁ ନେଇକରି ହେବାର୍‌କେ ଥିବା କର୍ମଶାଳା ଆୟୋଜନ୍ ବାବ୍‌ଦେ ଆଲୋଚନା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ଶୁଖା ରହେବା । ତାର୍ ଉତ୍‌ରୁ ୨ନୁ ୩ ଡିଗ୍ରୀ ତକ୍ ଦିନର୍ ତାପମାତ୍ରା ବଢ଼୍‌ବା ହେଲେ ରାତିର୍ ତାପମାତ୍ରା ନାଇ ବଦ୍‌ଲେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଏଜର୍ ସବୁନୁ ଜହ ତାତି ପାରଲାଖେମୁଣ୍ଡି ନ ୩୬ ଦଶମିକ୍ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ । ସେନ୍ତା ୮ ଟା ସହରର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା ।

ସେଆଡ଼େ ଝାର୍‌ସୁଗୁଡ଼ା ନ ଦିନର୍ ତାପମାତ୍ରା ୩୬ ଦଶ୍‌ମିକ୍ ୪, ସୁନ୍ଦର୍‌ଗଡ଼୍ ଆର୍ ନୂଆପନା ନ ୩୫, ବର୍‌ଗଡ଼୍ ନ ୩୪ ଦଶ୍‌ମିକ୍ ୭, ବଲାଙ୍ଗିର୍ ନ ୩୪ ଦଶ୍‌ମିକ୍ ୪, ସୁବର୍ଣ୍ଣପୁର୍ ନ ୩୪ ଦଶ୍‌ମିକ୍ ୧, ଟିଟିଲାଗଡ଼୍ ଆର୍ ସମ୍ବଲ୍‌ପୁର୍ ନ ୩୪ ଆର୍ ହୀରାକୁଦ୍ ନ ୩୩ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।